# ଆଦିବାସୀ ମେଳା-୨୦୧୭
# ପ୍ରେସ୍ ନୋଟ୍

ଆଦିବାସୀ ମେଳାର ପୃଷ୍ଠଭୂମି ; ତା ୨୫.୦୧.୨୦୧୭

୧୯୫୧ ମସିହା ଜନରାଜ୍ୟ ଦିବସରେ ତତ୍କାଳିନ ଓଡ଼ିଶାର ରାଜଧାନୀ କଟକ ଠାରେ ଆଦିବାସୀ ମେଳାର ପ୍ରଥମ ଶୁଭାରମ୍ଭ ହୋଇଥିଲା । ଭୁବନେଶ୍ୱରକୁ ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ୧୯୫୪ ମସିହାରୁ ଆଦିବାସୀ ମେଳା ୟୁନିଟ୍-୧ ସ୍ଥିତ, ଆଦିବାସୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଆସୁଅଛି ।

ଆଦିବାସୀ ମାନଙ୍କର କଳା, ସଂସ୍କୃତି, ଜୀବନ ଧାରଣର ଶୈଳୀ, ଚିତ୍ରକଳା ଓ ସ୍ଥାପତ୍ୟକୁ ପ୍ରଦର୍ଶନ କରିବା ସହିତ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟ ଓ ଆଦିବାସୀ ସାମଗ୍ରୀର ବିପଣନ ଏହି ମେଳାର ମୁଖ୍ୟ ଉଦେଶ୍ୟ । ପୂର୍ବରୁ ମେଳାର ଅବଧି ଏକ ସପ୍ତାହ ଥିଲା । ଜନସାଧାରଣଙ୍କ ଆଗ୍ରହକୁ ଲକ୍ଷ୍ୟକରି ୨୦୧୦ ମସିହାରୁ ଏହାକୁ ପନ୍ଦର ଦିନକୁ ବୃଦ୍ଧି କରାଯାଇଅଛି ।

ଆଦିବାସୀ ମେଳା-୨୦୧୭ ସମ୍ପର୍କରେ ସୂଚନା ;

ଆଦିବାସୀ ମେଳା – ୨୦୧୭ କୁ ଆଗାମୀ ୨୬ ତାରିଖ ଦିନ ସଂଧ୍ୟାରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବେ । ଏହି ମେଳା ଜାନୁଆରୀ ୨୬ ତାରିଖରୁ ଫେବୃୟାରୀ ୯ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନ ଧରି ଚାଲିବ । ଏହାକୁ ଏକ ବର୍ଣ୍ଣାଢ୍ୟ ଢଙ୍ଗରେ ଉପସ୍ଥାପନ କରାଯାଉଛି ।

ସମଗ୍ର ମେଳା ପରିସରକୁ ଏକ ଆଦିବାସୀ ଅଂଚଳର ରୂପ ଦେବାପାଇଁ ପ୍ରୟାସ କରାଯାଉଛି । ମେଳା ପରିସରକୁ ମୁଖ୍ୟତଃ ନଅଗୋଟି ବିଭାଗରେ ବିଭକ୍ତ କରାଯାଇଛି । ସେଗୁଡିକ ହେଲା ; ଆଦିବାସୀ ଗ୍ରାମ, ଆଦିବାସୀ ହାଟ, ଆଦିବାସୀ ହସ୍ତଶିଳ୍ପ, ସରକାରୀ ଷ୍ଟଲ୍, ଆଦିବାସୀ ଖାଦ୍ୟ ବଜାର, ଆଦିବାସୀ ନୃତ୍ୟ, ବୟନ କଳା ମଣ୍ଡପ, ଚିତ୍ରକଳା ମଣ୍ଡପ । ପ୍ରତ୍ୟେକ ବିଭାଗ ନିଜନିଜ ଆୟୋଜନ ଦ୍ୱାରା ଦର୍ଶକମାନଙ୍କୁ ବିଶେଷ ଭାବରେ ଆକୃଷ୍ଟ କରିପାରିବେ ବୋଲି ଆଶା ।

- ❖ ଚଳିତ ବର୍ଷ ଆଦିବାସୀ ମେଳାରେ ମୋଟ୍ ୧୮୫ ଟି ଷ୍ଟଲ୍ ନିର୍ମାଣ କରାଯାଇଛି ।
- ❖ ଆଦିବାସୀ ଗ୍ରାମରେ ୨୧ଟି ଆଇ.ଟି.ଡି.ଏ. ଓ ମାଇକ୍ରୋ ପ୍ରୋଜେକ୍ଟ ଦ୍ୱାରା ନିର୍ମିତ ବିଭିନ୍ନ ଜନଜାତିଙ୍କର ୨୪ ଗୋଟି ପାରମ୍ପରିକ ଘର , ଘର ଉପକରଣ, ଚଳଣି ଓ ପରମ୍ପରାର ଝଲକ ପ୍ରଦର୍ଶିତ ହେବ ।
- ❖ ଆଦିବାସୀ ହାଟରେ ବିଭିନ୍ନ ଆଦିବାସୀ ଓ ଜଙ୍ଗଲ ଜାତ ସାମଗ୍ରୀର ବିକ୍ରିବଟାର ବ୍ୟବସ୍ଥା ହୋଇଅଛି । ଏଠାରେ ୩୦ ଟି ପିଣ୍ଡି ରହିଛି । ଏଠାରେ ଆଇ.ଟି.ଡି.ଏ. ଓ ମାଇକ୍ରୋ ପ୍ରୋଜେକ୍ଟ ଅଂଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ସେମାନଙ୍କ ପ୍ରସ୍ତୁତ ଓ ଉତ୍ପାଦିତ ସାମଗ୍ରୀ ବିକ୍ରୟ କରିବେ ।

ଏହାଛଡା ଟି.ଡି.ସି.ସି., ଟ୍ରାଇଫେଡ୍, ମହିଳା ବିକାଶ ସମବାୟ ନିଗମ , ଓଡିଶା ବନ ଉନ୍ନୟନ ନିଗମ ଭଳି ବିଭିନ୍ନ ଅର୍ଦ୍ଧ ସରକାରୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଆଦିବାସୀ ଓ ଜଙ୍ଗଲ ଜାତ ଦ୍ରବ୍ୟ ବିକ୍ରୟ ପାଇଁ ଷ୍ଟଲ୍‌ମାନ ଖୋଲୁଛନ୍ତି ।

- ❖ ଆଦିବାସୀ ଚିତ୍ରକଳା ଓ କଳାବସ୍ତୁ ବୟନ ଓ ହସ୍ତଶିଳ୍ପ ସାମଗ୍ରୀର ବିକ୍ରୟ ପାଇଁ ସ୍ୱତନ୍ତ୍ର ବିଭାଗ ମାନ ରଖାଯାଇଅଛି ।
- ❖ ଆଦିବାସୀ ଖାଦ୍ୟ ବଜାରରେ ଆଦିବାସୀମାନଙ୍କ ଦ୍ୱାରା ପ୍ରସ୍ତୁତ ମୁଢି ମାଂସ, ପାଳୁଅ/କାଙ୍ଗୁ ଖିରି, ମାଣ୍ଡିଆ ଜାଉ, ମାଣ୍ଡିଆ ପିଠା, ହର୍ବାଲ ଜୁସ୍ ଆଦି ଉପଲବ୍ଧ ହେବ । ଦର୍ଶକମାନେ ସୁଲଭ ମୂଲ୍ୟରେ ଏହିସବୁ ଆଦିବାସୀ ଖାଦ୍ୟର ମଜା ନେଇପାରିବେ ।

❖ ମୁଖ୍ୟ ରଙ୍ଗମଂଚରେ ପ୍ରତ୍ୟହ ସନ୍ଧ୍ୟା ୬.୦୦ ଠାରୁ ୯.୦୦ ପର୍ଯ୍ୟନ୍ତ ଜନଜାତିଙ୍କର ପାରମ୍ପରିକ ନୃତ୍ୟ, ସଙ୍ଗୀତ,ନାଟକ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର କଳାକାରମାନଙ୍କ ଦ୍ୱାରା ପରିବେଷିତ ହେବ । ପ୍ରତ୍ୟହ ୬ ଗୋଟି ନୃତ୍ୟ ପ୍ରଦର୍ଶନ ପାଇଁ କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ଜାନୁୟାରୀ ୩୦ ତାରିଖ ଦିନ ଶହୀଦ ଦିବସ ଉପଲକ୍ଷେ ଏକ ଭଜନ ସମାରୋହର ଆୟୋଜନ କରାଯାଇଛି । ଏହା ଛଡା ବିଭାଗର ସାଂସ୍କୃତିକ ପରିଷଦର ମୌଖିକ କଳାକାରଙ୍କଦ୍ୱାରା ଫେବୃୟାରୀ ୩ ତାରିଖ ଦିନ ଏକ ନାଟକ ମଞ୍ଚସ୍ଥ ହେବାର ସ୍ଥିର ହୋଇଛି ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ଆଦିବାସୀ ମେଳାକୁ ରାଜ୍ୟ ତଥା ବାହାରୁ ପ୍ରାୟ ୮ ରୁ ୧୦ ଲକ୍ଷ ଦର୍ଶକ ଆସିଥାଆନ୍ତି । ଏହି ମେଳାରେ ୫ ରୁ ୬ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ । ଭୁବନେଶ୍ୱର ଓ ଏହାର ଆଖପାଖ ଅଧିବାସୀମାନେ ସେମାନଙ୍କର ଆବଶ୍ୟକତା ଅନୁଯାୟୀ ପ୍ରାୟ ବର୍ଷକ ପାଇଁ ହଳଦୀ, ମାଣ୍ଡିଆ, ମୁଗ, ବିରି, ମକା, ବାସନା ଚାଉଳ, ମହୁ, ଝୁଣା, ଝାଡୁ, ପାଳୁଅ ଆଦି ଆଦିବାସୀ ତଥା ଜଙ୍ଗଲ ଜାତ ଦ୍ରବ୍ୟ ଏହି ମେଳାରୁ କ୍ରୟ କରିଥାନ୍ତି ।

ଟ୍ରାଫିକ୍ ସମସ୍ୟାର ସମାଧାନ ନିମନ୍ତେ ଆଦିବାସୀ ପଡିଆର ଚତୁଃପାର୍ଶ୍ୱକୁ ଉନ୍ମୁକ୍ତ ରଖାଯାଇଅଛି । ଏଠାରେ କୌଣସି ପ୍ରକାର ମୀନା ବଜାର, ଚକ୍ରି, ମ୍ୟାଜିକ ସୋ ପ୍ରଭୃତି ଖୋଲା ଯିବା ପାଇଁ ବାରଣ କରାଯାଇଛି । ପାର୍କିଙ୍ଗ ପାଇଁ ମଧ୍ୟ ଆବଶ୍ୟକ ବନ୍ଦୋବସ୍ତ କରାଯିବା ସହିତ କେବଳ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ପ୍ରାପ୍ତ ସଂସ୍ଥାକୁ ଅନୁମତି ଦିଆଯାଇଛି । ଚଳିତ ବର୍ଷ ୟୁନିଟ୍-୧ ହାଇସ୍କୁଲର ଖେଳ ପଡ଼ିଆକୁ ମଧ୍ୟ ପାର୍କିଂ ପାଇଁ ଅନୁମତି ନିଆଯାଇଛି ଏହାଛଡ଼ା ଜଗତ୍‌ଜୀବନରାମ ହଷ୍ଟେଲ ସମ୍ମୁଖ ପଡ଼ିଆରେ ମଧ୍ୟ ଗାଡ଼ି ରଖିବା ବ୍ୟବସ୍ଥା କରାଯାଇଛି । ଆଦିବାସୀ ମେଳାରେ କ୍ରମବର୍ଦ୍ଧିଷ୍ଣୁ ଦର୍ଶକଙ୍କୁ ଲକ୍ଷ୍ୟ କରି ପଡିଆ ଭିତରର ରାସ୍ତା ଗୁଡିକୁ ପ୍ରଶସ୍ତ କରାଯାଇଛି । ଗେଟ୍ ଗୁଡିକ ଓସାରିଆ କରାଯାଇ ଅଧିକ ଦର୍ଶକ ସୁବିଧାରେ ଯେପରି ଯା ଆସ କରିବେ ତାର ବନ୍ଦୋବସ୍ତ କରାଯାଇଛି । ଚଳିତ ବର୍ଷ ସ୍ୱଚ୍ଛତାକୁ ପ୍ରାଧାନ୍ୟ ଦିଆଯାଇ,ଯେପରି ଧୂଳି ବିଶେଷ ନ ହୁଏ ସେଥି ନିମନ୍ତେ ସମସ୍ତ ଯାତାୟତ ସ୍ଥାନକୁ ଗ୍ରୀନ୍ କାର୍ପେଟରେ ଆଚ୍ଛାଦିତ କରାହୋଇଛି ଏବଂ ପାଣି ସିଞ୍ଚନ କରାଯିବାର ବ୍ୟବସ୍ଥା ହୋଇଛି ।

ସୂଚନା ଯୋଗ୍ୟ ଯେ, ମେଳା ପରିସରରେ ଦର୍ଶକମାନଙ୍କର ଯାତାୟତର ସୁବିଧା ନମନ୍ତେ ଅଧିକ ଖୋଲାସ୍ଥାନ ରଖାଯାଇଅଛି । ନିରାପ  । ଦୃଷ୍ଟିକୋଣରୁ ବ୍ୟପାକ ପୋଲିସ୍ ମୁତୟନ କରାଯିବା ସହିତ ବେସରକାରୀ ସୁରକ୍ଷା ସଂସ୍ଥାକୁ ମଧ୍ୟ ନିୟୋଜନ କରାଯାଇଅଛି । ମେଳା ପରିସର ର ବିଭିନ୍ନ କୋଣରେ ୩୦ ଟି କ୍ଲୋଜ୍ ସର୍କିଟ୍ କ୍ୟାମେରା ଲଗାଯାଇଅଛି ଏବଂ ଏହାର ମନିଟର ପୋଲିସ୍ କଂଟ୍ରୋଲ୍ ରୁମ୍ (୨ ଟି ) ଓ ମୁଖ୍ୟ କଂଟ୍ରୋଲ୍ ରୁମ୍ ରେ ରହିଅଛି ।

ସୁରକ୍ଷା ଦୃଷ୍ଟିକୋଣରୁ ମୁଖ୍ୟ  କଂଟ୍ରୋଲ୍ ରୁମ୍, ଆଶୁ ଚିକିତ୍ସା କେନ୍ଦ୍ର, ଅସ୍ଥାୟୀ ଦମ୍ କଳ କେନ୍ଦ୍ର, ଅସ୍ଥାୟୀ ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ନିୟନ୍ତ୍ରଣ କେନ୍ଦ୍ର ମଧ୍ୟ ଖୋଲାଯାଇଅଛି । ଆବଶ୍ୟକ ପରିମାଣରେ ଅଗ୍ନିର୍ନିବାପକ ଯନ୍ତ୍ର ମହଜୁଦ ରଖାଯାଇଛି । ଚଳିତ ବର୍ଷ UCO Bank ଦ୍ୱାରା ଗ୍ରାହକ ମାନଙ୍କ ସୁବିଧା ପାଇଁ ଅସ୍ଥାୟୀ ATM ବସାଯାଇଛି ।

ପ୍ରତ୍ୟେକ ବର୍ଷ ଭଳି ଦର୍ଶକ ମାନେ ଏହି ମେଳାରୁ ଜିନିଷ ପତ୍ର କିଣାକିଣି କରିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ଆନନ୍ଦ ନେବାପାଇଁ ସମସ୍ତ ସୁବନ୍ଦୋବସ୍ତ ବିଭାଗ ଦ୍ୱାରା କରାଯାଇଛି ।

******